# NATIONAL NEWS BULLETIN (ODIA)

## 12 March - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ମରିସସ୍ ଜାତୀୟ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

– ଶ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ କଲା ମରିସସ୍

- ୧ ଲକ୍ଷ ୬୩ ହଜାରରୁ ଊର୍ଦ୍ଧ୍ୱ ଡାକଘର ମାଧ୍ୟମରେ ଦେଶବାସୀଙ୍କୁ ଯୋଗାଇ ଦିଆଯାଉଛି ବ୍ୟାଙ୍କିଂ ଓ ଅନ୍ୟାନ୍ୟ ଡିଜିଟାଲ ସେବା
- ଦେଶରେ ଗତ ଦଶନ୍ଧିରେ ଦୁଗ୍ଧ ଉତ୍ପାଦନ ହାର ୬୩ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇ ଅତିକ୍ରମ କଲା ୨୩୯ ମିଲିୟନ ଟନ୍
- ପଡ଼ୋଶୀ ଦେଶଗୁଡ଼ିକୁ ବିପର୍ଯ୍ୟୟ ସମେତ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିବା ଲାଗି ଭାରତ ସର୍ବଦା ପ୍ରସ୍ତୁତ; କହିଲେ ଲୋକସଭା ବାଚସ୍ପତି

ଏବଂ

- କାଶ୍ମୀରରେ ଚାଲିଥିବା ପଞ୍ଚମ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତା ଆଜି ହେଲା ଉଦ୍‌ଯାପିତ

# ପିଏମ୍-ମରିସସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମରିସସ୍‌ର ଜାତୀୟ ଦିବସ ପାଳନ ମୁଖ୍ୟ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଚାମ୍ପ୍ ଦି ମାର୍ସ'ଠାରେ ଆୟୋଜିତ ଏହି ସମାରୋହରେ ମରିସସ୍‌ର ରାଷ୍ଟ୍ରପତି ଧରମ୍‌ବିର ଗୋଖୁଲ ଭାରତ–ମରିସସ୍ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଶ୍ରୀ ମୋଦୀଙ୍କର ଅତୁଳନୀୟ ଅବଦାନ ଲାଗି ତାଙ୍କୁ ସେ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଆଣ୍ଡ କି୍ ଅଫ୍ ଦି ଇଣ୍ଡିଆନ୍ ଓସେନ୍' ସମ୍ମାନରେ ସମ୍ମାନିତ କରିଥିଲେ। ଏହି ପୁରସ୍କାର ପାଇବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ। ଏହି ପୁରସ୍କାର ଗ୍ରହଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O- PM-MODI**

ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ମରିସସ୍ ପ୍ରତିପକ୍ଷ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲମଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷୀୟ ଭାଗିଦାରୀ ସମ୍ପର୍କରେ ଏକ ପ୍ରତିନିଧିସ୍ତରୀୟ ଆଲୋଚନା କରିଥିଲେ। ଏହି ଭାଗିଦାରୀକୁ ଏକ ସମ୍ପ୍ରସାରିତ ରଣନୈତିକ

ଭାଗିଦାରୀରେ ପରିଣତ କରିବା ଲାଗି ଏହି ଅବସରରେ ଉଭୟ ନେତା ନିଜ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି।

ମରିସସ୍‌ର ଜାତୀୟ ସଂସଦରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉଭୟ ପ୍ରଧାନମନ୍ତ୍ରୀ ଯୋଗଦେଇ ୨୦ଟି ଉଚ୍ଚକ୍ଷମତା ସମ୍ପନ୍ନ ଗୋଷ୍ଠୀ ବିକାଶ ପ୍ରକଳ୍ପ ଏବଂ ଭାରତ ସହାୟତାରେ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭର୍ଚୁଆଲ ମାଧ୍ୟମରେ ଉନ୍ମୋଚନ କରିଥିଲେ। ଏହାଦ୍ୱାରା ମରିସସ୍‌ରେ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସଶକ୍ତ ହେବା ସହିତ ସେଠାକାର ଜନସାଧାରଣଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ସହାୟକ ହୋଇପାରିବ।

ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ଆର୍ଥିକ ଅପରାଧ ମୁକାବିଲା, ସାମୁଦ୍ରିକ ସୁରକ୍ଷା, କ୍ଷମତା ନିର୍ମାଣ ଆଦି କ୍ଷେତ୍ରରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସେହିଭଳି ମରିସସ୍‌ରେ ଉଚ୍ଚକ୍ଷମତା ସମ୍ପନ୍ନ ଗୋଷ୍ଠୀ ବିକାଶ ପ୍ରକଳ୍ପଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ଏବଂ ସେଠାରେ ନୂତନ ସଂସଦ ଭବନ ନିର୍ମାଣ ଲାଗି ସହାୟତା ଦେବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘୋଷଣା କରିଛନ୍ତି। ଶ୍ରୀ ମୋଦୀ ତାଙ୍କର ଦୁଇଦିନିଆ ମରିସସ୍ ଗସ୍ତ ସଫଳତାର ଶେଷ କରି ଇତିମଧ୍ୟରେ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି।

## ସୁଧାଂଶୁ ତ୍ରିବେଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମରିସସ୍‌ର ସର୍ବୋଚ୍ଚ ବେସାମରିକ ପୁରସ୍କାର ପ୍ରଦାନ କରାଯିବା ପରେ ବିଜେପି ଏହାକୁ ସ୍ୱାଗତ କରିବା ସହ ଶ୍ରୀ ମୋଦୀଙ୍କୁ ବିଶ୍ୱର ଜଣେ ଅନନ୍ୟ ନେତାଭାବେ ବର୍ଣ୍ଣନା କରିଛି । ଏ ସମ୍ପର୍କରେ ସୂଚନା ଦେଇ ଦଳର ଜାତୀୟ ମୁଖପାତ୍ର କହିଛନ୍ତି...

**V/O-**

## ସେଣ୍ଟର- ପୋଷ୍ଟ ଅଫିସ୍

ଦେଶରେ ୧ ଲକ୍ଷ ୬୩ ହଜାରରୁ ଊର୍ଦ୍ଧ୍ୱ ଡାକଘର ମାଧ୍ୟମରେ ଭାରତୀୟ ପୋଷ୍ଟ ପେମେଣ୍ଟ୍‌ସ ବ୍ୟାଙ୍କ ଅଧୀନରେ ଜନସାଧାରଣଙ୍କୁ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ଡିଜିଟାଲ ସେବା ଯୋଗାଇ ଦିଆଯାଉଛି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ପେମ୍ମାସାନୀ ଚନ୍ଦ୍ରଶେଖର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶବ୍ୟାପୀ ପ୍ରାୟ ୧ ଲକ୍ଷ ୬୫ ହଜାର ଡାକଘର ବର୍ତ୍ତମାନ କାର୍ଯ୍ୟକ୍ଷମ ରହିଛି । ସେଥିମଧ୍ୟରୁ ୧୬ ହଜାର ଡାକଘର ସହରାଞ୍ଚଳରେ ଥିବାବେଳେ ଅବଶିଷ୍ଟ ଡାକଘର ଗ୍ରାମୀଣ ଭାରତରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇ ଦେଉଛି ।

ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଚନ୍ଦ୍ରଶେଖର କହିଛନ୍ତି, ଦେଶର ମୋଟ୍ ୭୭୬ଟି ଜିଲ୍ଲା ମଧ୍ୟରୁ ୭୭୩ଟି ଜିଲ୍ଲାରେ **5-G** ସେବା ଉପଲବ୍ଧ ହେଉଛି। ଇତିମଧ୍ୟରେ ବିଭିନ୍ନ ଟେଲିସେବା ଯୋଗାଣ କମ୍ପାନୀଗୁଡ଼ିକ ମାଧ୍ୟମରେ ୪ ଲକ୍ଷ ୬୯ ହଜାର **5-G** ବେସ୍ ଟ୍ରାନ୍ସିଭର ଷ୍ଟେସନ୍ ସ୍ଥାପନ କରାଯାଇସାରିଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ **5-G** ସମ୍ପୂର୍ଣ୍ଣ ରୂପେ ଉପଲବ୍ଧ କରାଇବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

## ଆର୍ଏସ୍- ମିଲ୍କ ପ୍ରଡକସନ୍

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ଦୁଗ୍ଧ ଉତ୍ପାଦନ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ୨୩୯ ମିଲିୟନ ଟନ୍ ଅତିକ୍ରମ କରିଛି। ଆଜି ରାଜ୍ୟସଭାରେ ଏ ସମ୍ପର୍କିତ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୧୪ ମସିହାରେ ଦେଶରେ ଦୁଗ୍ଧ ଉତ୍ପାଦନ ହାର ୧୪୬ ମିଲିୟନ୍ ଟନ୍ ଥିବାବେଳେ ଗତ ୧୦ ବର୍ଷ ମଧ୍ୟରେ ଏହି ହାର ୬୩ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇଛି। ବର୍ତ୍ତମାନ ଭାରତ ବିଶ୍ୱରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅକ୍ତିଆର କରିଛି। ରାଷ୍ଟ୍ରୀୟ ଗୋକୁଳ ମିଶନ ଅଧୀନରେ କେନ୍ଦ୍ର ସରକାର ଏ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ବର୍ତ୍ତମାନ ଭାରତରେ ମୁଣ୍ଡପିଛା

ପ୍ରତ୍ୟହ ୪୭୧ ଗ୍ରାମ ଦୁଗ୍ଧ ଉପଲବ୍ଧ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

## ପାଟିଲ- ଗଙ୍ଗା କଞ୍ଜରଭେସନ୍ ମିଟ୍

ସମନ୍ୱିତ ବୈଷୟିକ ଜ୍ଞାନକୌଶଳ ମାଧମରେ ଗଙ୍ଗାନଦୀର ସ୍ୱଚ୍ଛତା ସବୁଦିନ ବଜାୟ ରଖିବା ଦିଗରେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଗଙ୍ଗା ସଂରକ୍ଷଣ ସମ୍ପର୍କିତ ଉଚ୍ଚକ୍ଷମତା ସମ୍ପନ୍ନ ଟାସ୍କଫୋର୍ସର ଚତୁର୍ଦ୍ଦଶ ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି । ଆନ୍ତଃ ମନ୍ତ୍ରଣାଳୟ ସମନ୍ୱୟରେ ଜଳ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହିତ ଠିକ୍ ସମୟ ମଧ୍ୟରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଉପରେ ଶ୍ରୀ ପାଟିଲ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟ ସରକାରଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଓମ୍ ବିର୍ଲା- ମାଡାଗାସ୍କର ଡେଲିଗେସନ୍

ଭାରତ ପଡ଼ୋଶୀ ଦେଶଗୁଡ଼ିକୁ ବିପର୍ଯ୍ୟୟ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ସର୍ବଦା ସାହାଯ୍ୟ କରିବା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରେ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ମାଡାଗାସ୍କାର ଜାତୀୟ ସଂସଦର ଅଧ୍ୟକ୍ଷ ଜଷ୍ଟିନ୍

ଟୋକ୍‌ଲେଙ୍କ ନେତୃତ୍ୱରେ ଭାରତ ଗସ୍ତରେ ଆସିଥିବା ପ୍ରତିନିଧି ଦଳଙ୍କ ସହିତ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଶ୍ରୀ ବିର୍ଲା ଏହା କହିଛନ୍ତି । ସେ କହିଛନ୍ତି, ବିକାଶର ବିଭିନ୍ନ କ୍ଷେତ୍ରରେ ଭାରତ ସର୍ବଦା ମାଡାଗାସ୍କାରକୁ ଏକ ବିଶ୍ୱସ୍ତ ବନ୍ଧୁ ତଥା ଉତ୍ତମ ଭାଗିଦାରୀ ଭାବେ ବିବେଚନା କରିଆସିଛି । ଦୁଇ ଦେଶ ମଧ୍ୟରେ ବହୁ ପୁରାତନ ବାଣିଜ୍ୟ, ସଂସ୍କୃତି ଓ ଜନସମ୍ପର୍କ ରହିଆସିଛି । ଏତଦ୍ ବ୍ୟତୀତ ମାଡାଗାସ୍କାରଠାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ସମ୍ପ୍ରଦାୟ ମଧ୍ୟ ଦୁଇଦେଶ ମଧ୍ୟରେ ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି । ମାଡାଗାସ୍କାରରେ ପ୍ରଥମ ଜୟପୁର ଫୁଟ୍ କ୍ୟାମ୍ପ ଆୟୋଜନ କରାଯାଇ ଶତାଧିକ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦିଆଯାଇଥିବାରୁ ଶ୍ରୀ ବିର୍ଲା ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଖେଲୋ ଇଣ୍ଡିଆ ଗେମ୍ସ

ଉତ୍ତର-କାଶ୍ମୀରର ବାରମୂଲା ଜିଲ୍ଲା ଅନ୍ତର୍ଗତ ଗୁଲମାର୍ଗଠାରେ ଚାଲିଥିବା ପଞ୍ଚମ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଆଜି ସମାପ୍ତ ହୋଇଛି । ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଚାରିଦିନିଆ ପ୍ରତିଯୋଗିତାରେ ଦେଶର ବିଭିନ୍ନ ଭାଗରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଆଜି ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଦେଶର କ୍ରୀଡ଼ା ଯାତ୍ରାକୁ ଏକ

ନୂତନ ଶିଖରରେ ପହଁଞ୍ଚାଇବା ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସମଗ୍ର ଦେଶ ଲାଗି ସରକାର କ୍ରୀଡ଼ା ବିକାଶ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ସହ ୨୦୩୬ ମସିହାରେ ଆନ୍ତର୍ଜାତିକ ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ଏହି କ୍ରୀଡ଼ା ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଲଦାଖଠାରେ ଚଳିତ ବର୍ଷ ଜାନୁଆରୀ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ବ୍ୟାଡମିଣ୍ଟନ

ବର୍ମିଂହାମ୍‌ଠାରେ ଚାଲିଥିବା ଇଂଲଣ୍ଡ ଓପନ୍ ଚମ୍ପିଆନସିପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମିକ୍ସ ଡବଲ୍ସ ବର୍ଗରେ ଭାରତର ରୋହନ କାପୁର ଓ ରୁଥ୍‌ଭିକା ଗାଡ୍ଡେ ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏହି ଭାରତୀୟ ଯୋଡ଼ି ଆଜି ଚୀନ୍‌ର ୟେ ହଙ୍ଗ୍-ୱି ଏବଂ ନିକୋଲୋ ଗଞ୍ଜାଲେଜ୍ ଚାନ୍‌ଙ୍କ ଯୋଡ଼ିକୁ ୨୧-୧୦, ୧୭-୨୧, ୨୪-୨୨ ସେଟ୍‌ରେ ପରାସ୍ତ କରିଛନ୍ତି।

ଅନ୍ୟପକ୍ଷରେ ମହିଳା ସିଙ୍ଗିଲ୍‌ସ ବର୍ଗରେ ଦୁଇଥରର ଅଲିମ୍ପିକ୍ସ ବିଜେତା ଭାରତର ପି.ଭି.ସିନ୍ଧୁ ଆଜି ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ରେ ଦକ୍ଷିଣ କୋରିଆର କିମ୍ ଗା ୟୁନ୍'ଙ୍କୁ ଭେଟିବେ। ସେହିଭଳି ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଡବଲ୍ସ ବର୍ଗରେ ଭାରତର ତ୍ରିଶା ଜୋଲି ଓ

ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଏବଂ ଚୀନ୍‌ର ସୁଙ୍ଗ ସ୍ୱ ଉନ୍ ଓ ୟୁ ଚିଏନ୍ ହ୍ୱି’ ଯୋଡ଼ି ମଧ୍ୟରେ ମୁକାବିଲା ହେବ। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଭାରତର ପ୍ରିୟା କଞ୍ଜେଙ୍ଗ୍’ବାମ୍ ଏବଂ ଶ୍ରୁତି ମିଶ୍ରଙ୍କ ଯୋଡ଼ି ଦକ୍ଷିଣ କୋରିଆର ବେକ୍ ହା ନା ଓ ଲି ସୋ ହି’ ଯୋଡ଼ିଙ୍କୁ ଭେଟିବ।

ଅନ୍ୟପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ବର୍ଗରେ ଆଜି ସନ୍ଧ୍ୟାରେ ଭାରତର ସ୍ୱସ୍ତିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି ଡେନ୍‌ମାର୍କର ଡାନିଏଲ୍ ଲୁଣ୍ଡଗାର୍ଡ ଓ ମ୍ୟାଟ୍ସ ଭେଷ୍ଟରଗାର୍ଡ ଯୋଡ଼ିଙ୍କୁ ଭେଟିବେ। ଗତକାଲି ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ଓ ମାଳବିକା ବନସୁଦ ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

## ମହିଳା ପ୍ରିମିୟର ଲିଗ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆସନ୍ତାକାଲି ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜୁରାଟ୍ ଜାଏଣ୍ଟ୍‌ସ ମଧ୍ୟରେ ଏଲିମିନେଟର ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଏହାର ବିଜେତା ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ।